**Cuttack Central Co-operative Bank Ltd.**
**Head Office, Nimchouri, Cuttack – 753 002**
**Email Address –** ccbho@cuttackccb.co.in

Ref No.6473/ Estt/2023-24 Dated 13.03.2024

## ନିଯୁକ୍ତି ବିଜ୍ଞାପନ

ଏତଦ୍ୱାରା ଅବିଭକ୍ତ କଟକ ଜିଲ୍ଲାର ସ୍ଥାୟୀ ବାସିନ୍ଦାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ ତରଫରୁ Support Staff ପଦବି ପୂରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ମୁଖ୍ୟକାର୍ଯ୍ୟାଳୟ, କଟକଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ । ଉକ୍ତ ପଦବୀ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ପଦବୀ ପୂରଣର ସଂଖ୍ୟା:-69**

| Category | Number of Vacancy | Vacancies reserved for women | Vacancies reserved for P.H. | Vacancies reserved for sports person | Vacancies reserved for Ex-service man |
|---|---|---|---|---|---|
| SC | 11 | 4 | | | |
| ST | 16 | 5 | 1 | 0 | 0 |
| SEBC | 8 | 3 | | | |
| UR | 34 | 11 | 1 | 0 | 1 |
| **TOTAL** | **69** | **23** | **2** | **0** | **1** |

**ସର୍ବନିମ୍ନ ଶିକ୍ଷା ଯୋଗ୍ୟତା :-** ଦଶମ ଶ୍ରେଣୀ ଉତିର୍ଣ୍ଣ ହେବା ସହିତ ଓଡିଆ ଭାଷାରେ ଅତିକମରେ ସପ୍ତମ ଶ୍ରେଣୀ ପାସ କରିଥିବା ଆବଶ୍ୟକ।

**ମାସିକ ବେତନହାର :-** ଉକ୍ତ Support Staff ପଦବୀ ନିମନ୍ତେ ମାସିକ ବେତନ ହାର Rs.16600-52400 in Pay matrix of Level-1 under ORSP Rules-2017 ରହିଅଛି । ଏହା ସହିତ ବ୍ୟାଙ୍କର କର୍ମଚାରୀମାନଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ମଧ ଯୋଗାଇ ଦିଆଯିବ।

**ବୟସ ସୀମା :-** ସାଧାରଣ ପ୍ରାର୍ଥୀଙ୍କ ବୟସ ସୀମା ୨୧ ବର୍ଷରୁ ୩୨ ବର୍ଷ (ତା : ୦୧/୦୪/୨୦୨୩ ରିଖ ସୁଦ୍ଧା) ହୋଇଥିବା ଆବଶ୍ୟକ । ପୁନଶ୍ଚ ତଫସିଲଭୁକ୍ତ ଜାତି/ ଜନଜାତି/ ଏକ୍ସ-ସର୍ଭିସମ୍ୟାନ/ମହିଳା/ SEBC ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ କ୍ଷେତ୍ରରେ ବୟସ ସୀମା ଅଧିକ ୫ ବର୍ଷ ଏବଂ Physically Handicapped ପ୍ରାର୍ଥୀଙ୍କ କ୍ଷେତ୍ରରେ ବୟସ ସୀମା ଅଧିକ ୧୦ ବର୍ଷ କୋହଳ କରାଯିବ ।

**ସାଧାରଣ ଯୋଗ୍ୟତା:-** ପ୍ରାର୍ଥୀ/ପ୍ରାର୍ଥୀନି ଜଣେ ଭାରତୀୟ ନାଗରିକ ହୋଇଥିବେ । ବିବାହିତ/ବିବାହିତା ପ୍ରାର୍ଥୀ/ପ୍ରାର୍ଥୀନିଙ୍କର ଗୋଟିଏରୁ ଅଧିକ ସ୍ୱାମୀ/ସ୍ତ୍ରୀ ହୋଇନଥିବ। ଆବେଦନ କରୁଥିବା ପ୍ରାର୍ଥୀ/ପ୍ରାର୍ଥୀନି ଅବିଭକ୍ତ କଟକ ଜିଲ୍ଲାର ବାସିନ୍ଦା ହୋଇଥିବେ । ପ୍ରାର୍ଥୀ/ପ୍ରାର୍ଥୀନିଙ୍କ ନାମରେ କୌଣସି ଅପରାଧିକ ଅଭିଯୋଗ କିମ୍ବା ମାମଲା ନଥିବ।

**ଲିଖିତ ପରୀକ୍ଷାର ସ୍ଥାନ ଏବଂ ସମୟ:-** ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥୀନିଙ୍କୁ ଲିଖିତ ପରୀକ୍ଷାର ସ୍ଥାନ ଏବଂ ସମୟ ସଠିକ ସମୟରେ ଅବଗତ କରାଯିବ।

**ପରୀକ୍ଷା ଦେୟ (Examination Fee)**:- ଅନୁସୂଚିତ ଜାତି/ ଜନଜାତି ମାନଙ୍କୁ ଛାଡି ଅନ୍ୟାନ୍ୟ ବର୍ଗର ପ୍ରାର୍ଥୀ/ପ୍ରାର୍ଥୀନି ମାନଙ୍କୁ ପରୀକ୍ଷା ଦେୟ ବାବଦକୁ ଦରଖାସ୍ତ ସହିତ ଟ. ୩୦୦/- (ତିନି ଶହ) ଟଙ୍କାର କଟକରେ ପ୍ରାପ୍ତ ହୋଇପାରୁଥିବା ବ୍ୟାଙ୍କ ଡ୍ରାଫ୍ଟ (of any Nationalized Bank/Public Sector Bank) Chief Executive Officer, Cuttack Central Cooperative Bank Ltd.,Cuttack ନାମରେ ସଂଲଗ୍ନ କରିବା ବାଞ୍ଛନୀୟ ।

**ପରୀକ୍ଷଣର ଯୋଜନା ଏବଂ ନମୁନା :-** ଦଶମ ଶ୍ରେଣୀର ସମୁଦାୟ ମାର୍କ ଅନୁସାରେ ଉପଯୁକ୍ତ ପ୍ରାର୍ଥୀ/ ପ୍ରାର୍ଥୀନି ମାନଙ୍କୁ shortlist କରାଯିବ । ତପ୍ରରେ shortlist ପ୍ରାର୍ଥୀ/ ପ୍ରାର୍ଥୀନି ମାନଙ୍କୁ ଲିଖିତି ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯିବ ।

**ଲିଖିତି ପରୀକ୍ଷାର ବିବରଣୀ:-** ଲିଖିତି ପରୀକ୍ଷାର ଅବଧି 2 ଘଣ୍ଟା ରହିବ। ଲିଖିତି ପରୀକ୍ଷାର ପ୍ରଶ୍ନାବଳୀ ସପ୍ତମ ଶ୍ରେଣୀ ମାନକ ରହିବ।

| Subject | full mark | Number of Question |
|---|---|---|
| 1. General Knowledge | 50 | 50 |
| 2. Arithmetic Ability | 50 | 50 |
| 3. Logical Reasoning | 50 | 50 |

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ (ସେଲ୍ଫ ଆଟେଷ୍ଟଡ) କେବଳ ଡାକ (**Registered post/Speed Post**) ଦ୍ୱାରା **ତା: 14/04/2024ରିଖ** ମଧ୍ୟରେ ନିମ୍ନ ଲିଖିତ ଠିକଣାରେ ଦାଖଲ କରିବେ। ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ବିଳମ୍ବରେ ଆସିଥିବା ଫର୍ମକୁ ଖାରଜ କରାଯିବ । ଅନ୍ୟ କୌଣସି ମାଧ୍ୟମରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହି ।

**ଆବେଦନପତ୍ର ଦାଖଲର ଠିକଣା:** Chief Executive Officer, Cuttack Central Cooperative Bank, Post Box No. 559, Nimchouri, Chandnichowk, Cuttack-753002.

**ବିଶେଷ ଦ୍ରଷ୍ଟବ୍ୟ:** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞାପନ ସଂଖ୍ୟା: 3206 dated: 29/01/2020 ଅନୁଯାୟୀ ଆବେଦନ କରିଥିବା ପାର୍ଥୀମାନେ ପୁନଶ୍ଚ ଆବେଦନ କରିବା ଆବଶ୍ୟକ ନାହିଁ।

ଏହି ବିଜ୍ଞାପନ ଏବଂ ଆବେଦନ ଫର୍ମ Cuttack Central Cooperative Bank Ltd., ୱେବସାଇଟ:: https://www.cuttackccb.co.in ରୁ download ହୋଇପାରିବ।

କୌଣସି କାରଣ ନଦର୍ଶାଇ ଆବଶ୍ୟକସ୍ଥଳେ ପ୍ରାଧିକାରୀ ଉକ୍ତ ବିଜ୍ଞାପନ ଏବଂ ନିଯୁକ୍ତି ପକ୍ରିୟାକୁ ମୂଳତବୀ/ରଦ୍ଦ କରିପାରିବେ । ଏହା ଉପରେ କୌଣସି ଆବେଦନକାରୀ ଅଭିଯୋଗ କରିପାରିବେ ନାହିଁ ।

ଦରଖାସ୍ତ ପଠାଇବାର ଲିଫାପା ଉପରେ "**Support Staff ନିମନ୍ତେ ଆବେଦନ ପତ୍ର**"ଉଲ୍ଲେଖ କରିବା ଆବଶ୍ୟକ ।

ଅନନ୍ତ କୁମାର ସ୍ୱାଇଁ ୧୩/୩/୨୪

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**
**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, କଟକ**

# ଦରଖାସ୍ତ ଫର୍ମ

## (ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

1. ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ନାମ ..........................................................................................
2. ପିତା/ସ୍ୱାମୀଙ୍କ ନାମ ..........................................................................................
3. ଜନ୍ମ ତାରିଖ ..........................................................
4. ସ୍ଥାୟୀ ଠିକଣା : ଗ୍ରା ................................ , ପୋ. ଅ .............................,
   ଭାୟା.........................., ଜିଲ୍ଲା ................................ , ପିନ...............................
5. ଯୋଗାଯୋଗ ଠିକଣା : ଗ୍ରା ................................ , ପୋ. ଅ .............................,
   ଭାୟା.........................., ଜିଲ୍ଲା ................................ , ପିନ...............................
6. ଦୂରଭାଷ ....................................................
7. ଇ-ମେଲ ....................................................
8. ଶିକ୍ଷାଗତ ଯୋଗ୍ୟତା ....................................
9. ଦଶମ ଶ୍ରେଣୀ ପରୀକ୍ଷାରେ ମିଳିଥିବା ସମୁଦାୟ ମାର୍କ.............................................
10. ରୋଜଗାର ନିଯୁକ୍ତି ବିନିମୟ ପଞ୍ଜିକରଣ ନଂ**(**Valid Employment Exchange Registration Number**)..................................................**
11. ଜାତି .......................................
12. ବୈବାହିକ ସ୍ଥିତି(ବିବାହିତ/ଅବିବାହିତ) .......................................

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

**ସ୍ଥାନ :**

**ତାରିଖ:** **ଆବେଦନକାରୀଙ୍କ ସ୍ୱାକ୍ଷର**

**ଆବେଦନପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣପତ୍ର:**

1. ନିଜର ଦୁଇ ଗୋଟି Self-Attested ହୋଇଥିବା ପାସପୋର୍ଟ ସାଇଜ ଫୋଟୋଗ୍ରାଫ ତନ୍ମଧ୍ୟରୁ ଏକଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବ ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ । ଉକ୍ତ ଫୋଟୋ ଦୁଇଟିରେ ନିଜର ଦସ୍ତଖତ ରହିବା ଆବଶ୍ୟକ ।
2. ଶିକ୍ଷାଗତ ଯୋଗ୍ୟତା (ଦଶମ ଶ୍ରେଣୀ ପାସ) ର ପ୍ରମାଣପତ୍ର ସହ Mark Sheetର Self-Attested କପି ।
3. ରୋଜଗାର ନିଯୁକ୍ତି ବିନିମୟ ପଞ୍ଜିକରଣର Self-Attested କପି ।
4. ସ୍ଥାନୀୟ ତହସିଲଦାରଙ୍କଠାରୁ ଉପଯୁକ୍ତ ବାସିନ୍ଦା ପ୍ରମାଣପତ୍ର **(**Native Certificate**)** Self-Attested କପି ।
5. ଜାତିଗତ ପ୍ରମାଣପତ୍ର (SC/ST/SEBC) ର Self-Attested କପି ।
6. ଏକ୍ସ- ସର୍ଭିସମ୍ୟାନ ପ୍ରାର୍ଥୀଙ୍କ ନିମନ୍ତେ ପ୍ରମାଣପତ୍ର Self-Attested କପି ଆବଶ୍ୟକ ।
7. ପରିଚୟ ପତ୍ରର Self-Attested କପି (ଆଧାର କାର୍ଡ/ଭୋଟର କାର୍ଡ/ପ୍ୟାନ କାର୍ଡ ।
8. Bank Draft.

ଆବେଦନ କରୁଥିବା ପ୍ରାର୍ଥୀ/ପ୍ରାର୍ଥୀନିମାନେ **ତା: 14/04/2024ରିଖ** ମଧ୍ୟରେ ନିଜର ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନପହଞ୍ଚିଲେ ତାହା ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ/ଆବଶ୍ୟକୀୟ ପ୍ରମାଣ (Self-Attested କପି) ପତ୍ର ନଥାଇ ଦାଖଲ ହୋଇଥିବା ଦରଖାସ୍ତଗୁଡିକ ନାକଚ ହୋଇଯିବ ।